# ଅନୁଗୁଳ ଜିଲ୍ଲା ବିଜେପି ସଭାପତି ଶ୍ରୀ ଭାଗିରଥି ପ୍ରଧାନଙ୍କ ଗିରଫଦାରୀକୁ ରାଜ୍ୟ ବିଜେପିର ଦୃଢ ନିନ୍ଦା

**ଭୁବନେଶ୍ୱର, ତା.୨୮/୧୦:** ସାତକୋଶିଆ ଜଙ୍ଗଲରେ ଆତଙ୍କ ସୃଷ୍ଟି କରିଥିବା ବାଘକୁ ଧରି ଅଂଚଳବାସୀଙ୍କୁ ଭୟମୁକ୍ତ କରିବାକୁ ଚାହୁଁନଥିବା ରାଜ୍ୟ ସରକାର 'ଟ୍ରାଂକୁଲାଇଜର'ର ବାହାନା ଦେଖାଇ ବିଭ୍ରାନ୍ତ କରୁଛନ୍ତି । ଅଂଚଳବାସୀଙ୍କ ସମସ୍ୟା ଓ ଦୁର୍ଦ୍ଦଶାକୁ ସାମ୍ନାକୁ ଆଣି ସମାଧାନ ପାଇଁ ପ୍ରୟାସ କରୁଥିବା ଅନୁଗୁଳ ଜିଲ୍ଲା ବିଜେପି ସଭାପତି ଶ୍ରୀ ଭାଗିରଥି ପ୍ରଧାନଙ୍କୁ ଜାଣିଶୁଣି ରାଜନୈତିକ ଅଭିସନ୍ଧି ରଖି ଆକ୍ରୋଶମୂଳକ ଭାବେ ଗିରଫ କରାଯିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ରାଜ୍ୟ ଉପ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ରାଜନୈତିକ ହିଂସା ପରାୟଣ ହୋଇ ଆକ୍ରୋଶମୂଳକ ଭାବେ ବିରୋଧୀଙ୍କୁ ଦମନ କରି ଗଣତନ୍ତ୍ରକୁ ହତ୍ୟା କରିବା ସହ ଏକପ୍ରକାର ଆତଙ୍କରାଜ ସୃଷ୍ଟି କରୁଛି ଶାସକ ବିଜେଡି । ଅହଂକାର ଓ କ୍ଷମତା ନିଶାରେ ଚୁର୍ ହୋଇ ନିଜର ରାଜନୈତିକ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ଶାସକ ବିଜେଡି ପୋଲିସ ଓ ପ୍ରଶାସନକୁ ଦଳୀୟ କାର୍ଯ୍ୟରେ ବ୍ୟବହାର କରି ସାଧାରଣ ଜନତାଙ୍କ ଧନ ଓ ଜୀବନକୁ ବଳି ପକାଇବାକୁ ମଧ୍ୟ ପଛାଉନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଏବଂ ସୁସ୍ଥ ଗଣତନ୍ତ୍ର ପ୍ରତି ସଂପୂର୍ଣ୍ଣ ବିପଦ । ରାଜ୍ୟର ସାଂପ୍ରତିକ ଆଇନ ଶୃଙ୍ଖଳା ତତ୍କାଳିନ ଜରୁରୀକାଳିନ ପରିସ୍ଥିତିକୁ ମନେ ପକାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**